# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ସା/ପୋ.ଅ-ଘଟଗାଁ, ଜିଲ୍ଲା-କେନ୍ଦୁଝର (ଓଡ଼ିଶା)

ନଂ ୪୪ / ତା ୦୫|୦୨|୨୦୧୫

## ଟେଣ୍ଡର ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ୨୦୧୪-୧୫ବର୍ଷ ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଛୁକ ବ୍ୟକ୍ତି ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ୫୦୦/- (ପାଞ୍ଚଶହ)ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସରକାରୀ ଛୁଟି ଦିବସ ବ୍ୟତିତ କାର୍ଯ୍ୟ ଦିବସରେ ଦିବା ୧୦ଘ. ରୁ ୧ଘ. ଓ ଅପରାହ୍ନ ୩ଘ. ରୁ ୫ଘ. ମଧ୍ୟରେ ତା ୦୮|୦୨|୧୫ ଠାରୁ ତା ୨୪|୦୨|୧୫ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନୀୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ରେ ଆବେଦନ ହୋଇନଥିବା ଟେଣ୍ଡର ପାଇଁ ଶେଷ ପର୍ଯ୍ୟାୟରେ ଟେଣ୍ଡର ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.nic.in ୱେବ୍‌ସାଇଟ୍‌ରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା ୧୮\|୦୨\|୧୫ ଦିବା ୧୦ ଘଣ୍ଟିକା | ତା ୧୮/୦୨/୧୫ ଦିବା ୧୧ ଘଣ୍ଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା ୨୧\|୦୨\|୧୫ ଦିବା ୧୦ ଘଣ୍ଟିକା | ତା ୨୧\|୦୨\|୧୫ ଦିବା ୧୧ ଘଣ୍ଟିକା |
| ଶେଷ ପର୍ଯ୍ୟାୟ | ତା ୨୫\|୦୨\|୧୫ ଦିବା ୧୦ ଘଣ୍ଟିକା | ତା ୨୫\|୦୨\|୧୫ ଦିବା ୧୧ ଘଣ୍ଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ଭୋଗନଡ଼ିଆ | ଟ୩.୦୦(ଗୋଟାପ୍ରତି) | ଟ୧,୬୫,୦୦୦/- |
| ୨- | ପୂଜାସାମଗ୍ରୀ ଦୋକାନ ନଂ-୧ | ଟ୨୫,୫୩,୧୦୦/- | ଟ୨,୫୫,୩୧୦/- |
| ୩- | ପୂଜାସାମଗ୍ରୀ ଦୋକାନ ନଂ-୨ | ଟ୧୧,୫୭,୨୦୦/- | ଟ୧,୧୫,୭୨୦/- |
| ୪- | ପୂଜାସାମଗ୍ରୀ ଦୋକାନ ନଂ-୩ | ଟ୪,୯୭,୨୦୦/- | ଟ୪୯,୭୨୦/- |
| ୫- | ମିଠାଭୋଗ ଦୋକାନ | ଟ୮,୮୦,୨୨୦/- | ଟ୮୮,୦୨୨/- |
| ୬- | ଫଟୋସାମଗ୍ରୀ ଦୋକାନ | ଟ୨,୨୬,୭୧୧/- | ଟ୨୨,୬୭୧/- |
| ୭- | ମନ୍ଦିର ସମ୍ମୁଖରେ ଫଟୋଉଠା | ଟ୭,୭୧,୯୨୯/- | ଟ୭୭,୧୯୩/- |
| ୮- | ଲକର୍ ରୁମ୍ | ଟ୭୧,୧୧୧/- | ଟ୬,୧୧୧/- |
| ୯- | ଅନ୍ନପ୍ରସାଦ ବିକ୍ରି | ଟ୩,୬୦,୦୦୦/- | ଟ୩୬,୦୦୦/- |
| ୧୦- | ଖୁଣ୍ଟାମୌଜା ଚାଷଜମି | ଟ୧୧,୦୦୦/- | ଟ୧,୧୦୦/- |
| ୧୧- | ତେଜରାତି ସାମଗ୍ରୀ | --- --- | ଟ୭୧,୫୦୦/- |
| ୧୨- | ରସିଦ୍‌ବହି ପ୍ରିଣ୍ଟିଂ ଓ ଅଫିସ ଷ୍ଟେସନାରୀ | --- --- | ଟ୧୬,୫୦୦/- |
| ୧୩- | ଶିବରାତ୍ରୀ ଓ ରଇତି ପର୍ବ ଟେଣ୍ଟ, ମାଇକ୍, ଲାଇଟ୍ | ଟ୮,୪୪,୮୦୦/- | ଟ୮୪,୪୮୦/- |
| ୧୪- | ଫଟୋ ଦୋକାନର ବଳକା ସାମଗ୍ରୀ ବିକ୍ରି | ଟ୩୯,୩୩୧/- | ଟ୩,୯୩୩/- |
| ୧୫- | ପୁରୁଣା ଜିନିଷ ବିକ୍ରି | --- --- | ଟ୫,୫୦୦/- |
| ୧୬- | ମନ୍ଦିର ପରିସର ସଫେଇ କାର୍ଯ୍ୟ | ଟ୭୧,୦୪୮/- | ଟ୭୧୦୫/- |
| ୧୭- | ଚୁଳପକା | ଟ୬,୨୨,୬୦୦/- | ଟ୬୨,୨୬୦/- |
| ୧୮- | ଯୋତା ଷ୍ଟାଣ୍ଡ | ଟ୯୯,୧୧୬/- | ଟ୯୯୧୨/- |

ଉପଜିଲ୍ଲାପାଳ, କେନ୍ଦୁଝର-ତଥା-ସଭାପତି
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।

P.T.O.

# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ସା/ପୋ.ଅ-ଘଟଗାଁ, ଜିଲ୍ଲା-କେନ୍ଦୁଝର (ଓଡ଼ିଶା)

## ଟେଣ୍ଡର ନିୟମାବଳୀ ୨୦୧୪-୧୫

୧-ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ ଅନୁଯାୟୀ ମନ୍ଦିରରେ ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

୨-ଅମାନତ ରାଶି ଦେୟ "ମା ତାରିଣୀ ଠାକୁରାଣୀ, ଘଟଗାଁ " ଙ୍କ ନାମେ ବ୍ୟାଙ୍କଡ୍ରାଫ୍ଟ ଆକାରରେ କରି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ବ୍ୟାଙ୍କଡ୍ରାଫ୍ଟ ପଛପାର୍ଶ୍ୱରେ ଆବେଦନକାରୀ ପୁରା ଦସ୍ତଖତ କରିବେ । ଗୋଟିଏ ବିଭାଗ ପାଇଁ ଗୋଟିଏ ଆବେଦନ ଫର୍ମ ଓ ଗୋଟିଏ ବ୍ୟାଙ୍କଡ୍ରାଫ୍ଟ ଦେବେ । ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ଟେଣ୍ଡର ଅବଧି ସମାପ୍ତ ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ଠାରୁ ସେ ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ୍ ଦେବା ପରେ ତାଙ୍କର ଅମାନତ ରାଶି ଫେରସ୍ତ ପାଇବେ ।

୩-ପୂର୍ବରୁ ଦାଖଲ କରିଥିବା ଅମାନତ ରାଶି ଏହି ଟେଣ୍ଡର ପ୍ରକ୍ରିୟାରେ ଆଡ଼ଜଷ୍ଟମେଣ୍ଟ ହେବନାହିଁ ।

୪-ଟେଣ୍ଡର ଅବଧି ମଧ୍ୟରେ ମନ୍ଦିର ପ୍ରଶାସନ ଆବଶ୍ୟକତା ଅନୁଯାୟୀ ନେଉଥିବା ପଦକ୍ଷେପ ଯଥା-ଗାଡ଼ି ପାର୍କିଂର ସ୍ଥାନ ପରିବର୍ତ୍ତନ, ଗାଡ଼ି ପୂଜାର ସ୍ଥାନ ପରିବର୍ତ୍ତନ, ପୂଜା ଓ ଦର୍ଶନ ଧାଡ଼ିର ବ୍ୟବସ୍ଥା ସମ୍ବନ୍ଧରେ ଟେଣ୍ଡରଧାରୀ କୌଣସି ଆପତ୍ତି କରିପାରିବେ ନାହିଁ । ଭକ୍ତ ମାନଙ୍କ ଶୃଙ୍ଖଳାଗତ ପୂଜା ବା ଦର୍ଶନ ପାଇଁ ମନ୍ଦିର ପ୍ରଶାସନର ନିଷ୍ପତ୍ତି ଚୁଡ଼ାନ୍ତ ଓ ନୀୟମାବଳୀରେ ଆବଶ୍ୟକୀୟ ସଂଶୋଧନ ବା ପରିବର୍ତ୍ତନ କରିପାରିବେ ।

୫-ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ସେ ଟେଣ୍ଡର ମୂଲ୍ୟକୁ ସଂପୂର୍ଣ୍ଣ ଭାବେ ସଙ୍ଗେସଙ୍ଗେ ନଗଦ ଟଙ୍କା ଦାଖଲ କରିବେ । ନଚେତ୍ ତାଙ୍କ ଅମାନତ ରାଶିକୁ ବ୍ୟାଜାପ୍ତି କରାଯାଇ ପରବର୍ତ୍ତୀ ବ୍ୟକ୍ତିଙ୍କୁ ଉକ୍ତ ସୁଯୋଗ ଦିଆଯିବ ।

୬-ପୂଜା ସାମଗ୍ରୀ ଦୋକାନ ଓ ମିଠା ଦୋକାନରେ ମନ୍ଦିର କାର୍ଯ୍ୟାଳୟର ଆବେଦନ ଫର୍ମ ସହିତ ସଂଯୁକ୍ତ ଥିବା ଅନୁମୋଦିତ ମୂଲ୍ୟସୂଚୀ ଅନୁଯାୟୀ ସର୍ବଦା ପୂଜା ସାମଗ୍ରୀ ବିକ୍ରି କରିବେ । ମନ୍ଦିର ତରଫରୁ ଉକ୍ତ ଅନୁମୋଦିତ ମୂଲ୍ୟସୂଚୀକୁ ଇଲେକ୍ଟ୍ରୋନିକ୍ସ ବିଲିଙ୍ଗ୍ ମେସିନ୍‌ରେ ଫିଡ଼ିଙ୍ଗ୍ କରାଯିବ ଓ ଟେଣ୍ଡରଧାରୀ ଏକ ସାଇନ୍‌ବୋର୍ଡ଼ ଲେଖି ନିଜ ଦୋକାନ ସମ୍ମୁଖରେ ଲଗାଇବେ । ଟେଣ୍ଡରଧାରୀ ଭୋଗ କିଣୁଥିବା ପ୍ରତି ଭକ୍ତଙ୍କୁ ବିଲ୍ ଦେବେ । ଅନୁମୋଦିତ ତାଲିକା ବ୍ୟତିତ ଅନ୍ୟକୌଣସି ସାମଗ୍ରୀ ବିକ୍ରି କରିପାରିବେ ନାହିଁ । ଏଥିରେ ଟେଣ୍ଡର ଧାରୀଙ୍କ ବିରୁଦ୍ଧରେ ଅଭିଯୋଗ ହେଲେ ତାଙ୍କ ଟେଣ୍ଡର ନାକଚ କରାଯାଇ ସିକ୍ୟୁରିଟି ଅର୍ଥ ବ୍ୟାଜାପ୍ତି କରାଯିବା ସହିତ ଥାନାରେ ଏତଲା ରୁଜୁ କରାଯିବ ।

୭-ଫଟୋ ଦୋକାନ ପାଇଁ ଆବେଦନ କରିବା ସମୟରେ ମନ୍ଦିରରେ ବିକ୍ରି ଉପଯୁକ୍ତ ଫଟୋ ସାମଗ୍ରୀର ତାଲିକା ଓ ବିକ୍ରି ମୂଲ୍ୟ ଆବେଦନ ଫର୍ମରେ ସଂଯୁକ୍ତ ଥିବା ଖାଲି ସ୍ଥାନରେ ପୂରଣ କରିବେ ନଚେତ୍ ଟେଣ୍ଡର ନାକଚ କରାଯିବ । କ୍ର.ନଂ-୬ରେ ଲେଖାଥିବା ନିୟମ ଫଟୋ ଦୋକାନ ପାଇଁ ବଳବତ୍ତର ରହିବ ।

୮-ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ଟେଣ୍ଡର ଚୁଡ଼ାନ୍ତ ହେବା ଦିନ ଠାରୁ ୫ଦିନ ଭିତରେ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡ଼େଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବେ ଏବଂ ଅନୁମୋଦିତ ବିକ୍ରିମୂଲ୍ୟର ସାଇନ୍‌ବୋର୍ଡ଼ ନିମ୍ନସ୍ୱାକ୍ଷକାରୀଙ୍କ ନିକଟରୁ ଯାଞ୍ଚ କରାଇ ନେବେ ।

୯-ମନ୍ଦିର ବିରୁଦ୍ଧରେ ଆଇନ୍‌ର ଆଶ୍ରୟ ନେଇଥିବା ବ୍ୟକ୍ତି ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

୧୦- ଦେବୋତ୍ତର ବିଭାଗର ନିର୍ଦ୍ଦେଶ ମୁତାବକ ଚଳିତ ବର୍ଷ ଭଲ/ଅଧାପଚା/ସଂପୁର୍ଣ୍ଣ ପଚା ଭୋଗ ନଡ଼ିଆ ବିକ୍ରି ପ୍ରଥାକୁ ବନ୍ଦ କରାଯାଇ ଗୋଟିଏ ପ୍ରକାର ମୂଲ୍ୟରେ ଟେଣ୍ଡର ଆହ୍ୱାନ କରାଯିବ । ଦୈନିକ ଆସୁଥିବା ମାନସିକ ନଡ଼ିଆ ଛଡ଼ାଯିବା ପରେ ଗଣତି କରି ଟେଣ୍ଡରଧାରୀଙ୍କୁ ଦିଆଯିବ । ଉକ୍ତ ନଡ଼ିଆର ଗଣତି ଟେଣ୍ଡରଧାରୀ ଚେକ୍ କରିବା ପରେ ନଗଦ ଟଙ୍କା ଦାଖଲ କରିବେ । ତାପରେ ଗଣତି ହୋଇଥିବା ମାନସିକ ନଡ଼ିଆ ଭୋଗ ଲାଗିକରି ଦିଆଯିବ । କ୍ରୟ କରୁଥିବା ମୋଟ ନଡ଼ିଆରୁ ଶତକଡ଼ା ୧୦ ରୁ ୨୦ ଭାଗ ସ୍ଥାନୀୟ ଖାଉଟିଙ୍କୁ ନିର୍ଦ୍ଧାରିତ ଟେଣ୍ଡରମୁଲ୍ୟ ଉପରେ ୧୦% ଯୋଗକରି ବିକ୍ରି କରିବେ । ଥରେ ଗଣତି କରି ରସିଦ୍ କଟାଗଲାପରେ କୌଣସି ଆପତ୍ତି ଶୁଣାଯିବ ନାହିଁ । ନଡ଼ିଆ ଗ୍ରହଣ କରିବା ପରେ ମନ୍ଦିର ପରିସରରେ କୌଣସି ସ୍ଥାନରେ ଗଚ୍ଛିତ କରି ରଖିପାରିବେ ନାହିଁ ।

୧୧- ଅନ୍ନପ୍ରସାଦ ପାଇଁ ଟେଣ୍ଡର ଆବେଦନକାରୀ ରୋଷେଇ ନିମନ୍ତେ ବ୍ରାହ୍ମଣ ବ୍ୟକ୍ତିଙ୍କୁ ନିୟୋଜିତ କରିବେ । ଯେଉଁମାନେ ଏହି କାର୍ଯ୍ୟପାଇଁ ରହିବେ ସେମାନଙ୍କର ଜାତିଗତ ପ୍ରମାଣପତ୍ର ତହସିଲଦାରଙ୍କ ଠାରୁ ଆଣି ଦେବେ ଓ ଫଟୋ ପରିଚୟ ପତ୍ରର ଜେରକ୍ସ କପି ପ୍ରଦାନ କରିବେ । ଅନ୍ନପ୍ରସାଦ ଗୃହରେ ଧୋତି, ଚଦର, ଗଞ୍ଜି ବ୍ୟବହାର କରିବେ । ଟେଣ୍ଡର ଅବଧି ପୁର୍ବରୁ ଏସମସ୍ତ କାଗଜାତ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରେ ଦାଖଲ କରିବେ । ମନ୍ଦିର ଟ୍ରଷ୍ଟର ଅନୁମୋଦିତ ମୂଲ୍ୟସୂଚୀ ଅନୁଯାୟୀ ଅନ୍ନପ୍ରସାଦ ପ୍ରସ୍ତୁତ କରି ବିଲିଙ୍ଗ୍ ମେସିନ୍ ସାହାଯ୍ୟରେ ଭକ୍ତମାନଙ୍କୁ ବିଲ୍ ପ୍ରଦାନ କରିବେ ।

୧୨- ମନ୍ଦିରରେ ଟେଣ୍ଡର ନେଉଥିବା ବ୍ୟକ୍ତି ଓ ଟେଣ୍ଡରଧାରୀଙ୍କ ଦ୍ୱାରା ସମସ୍ତ ଦୋକାନ/ମିଠା ଜିନିଷ ପ୍ରସ୍ତୁତ ସ୍ଥାନ/ଅନ୍ନପ୍ରସାଦ ପ୍ରସ୍ତୁତ ସ୍ଥାନ, ସେବନ ସ୍ଥାନ/ଯୋତା ଷ୍ଟାଣ୍ଡ/ଚୁଳପକା/ମନ୍ଦିର ସଫେଇ ଇତ୍ୟାଦି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ପାନ, ତମାଖୁ, ଗୁଟ୍‌ଖା, ଖଇନି ଓ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ କରୁନଥିବାର ଡ଼ାକ୍ତରୀ ସାର୍ଟିଫିକେଟ ଓ ଫଟୋ ପରିଚୟ ପତ୍ରର ଜେରକ୍ସ କପି ପ୍ରଦାନ କରିବେ । ଏଥିରେ ଖିଲାପ କଲେ ଟେଣ୍ଡର ନାକଚ କରାଯାଇ ସିକ୍ୟୁରିଟି ଅର୍ଥ ବ୍ୟାଜାପ୍ତି କରାଯିବା ସହିତ ଥାନାରେ ଏତଲା ରୁଜୁ କରାଯିବ ।

୧୩- ମନ୍ଦିର ପରିସର ସଫେଇ କାର୍ଯ୍ୟ ଟେଣ୍ଡର ପାଇଁ କେବଳ ସରକାରଙ୍କ ସ୍ୱୀକୃତୀପ୍ରାପ୍ତ ସ୍ୱେଚ୍ଛାସେବୀ ସଂସ୍ଥା ଆବେଦନ କରିପାରିବେ ।

୧୪-ଟେଣ୍ଡର ନେଉଥିବା ବ୍ୟକ୍ତି କୌଣସି ପ୍ରକାର ଆଇନ୍‌ର ଆଶ୍ରୟ ନେବେନାହିଁ କିମ୍ବା ମନ୍ଦିର ପରିଚାଳନା କମିଟିର ବିରୁଦ୍ଧାଚରଣ କରିପାରିବେ ନାହିଁ । ପରିଚାଳନା କମିଟିର ନିଷ୍ପତ୍ତି ହିଁ ଚୁଡ଼ାନ୍ତ ନିଷ୍ପତ୍ତି ।

୧୫-ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

ଉପଜିଲ୍ଲାପାଳ, କେନ୍ଦୁଝର-ତଥା-ସଭାପତି
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର ।